# ଆଦିବାସୀ ମେଳାର ପଚଂମ ସଂଧ୍ୟା

# ମନ ମୋହୁଛି ଭଜନ ସଂଧ୍ୟା

ଭୁବନେଶ୍ୱର: ୩୦.୦୧.୨୦୧୯ରିଖ । ୟୁନିଟ୍ ୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆରେ ତା-୨୬.୦୧.୨୦୧୯ରିଖଠାରୁ ୦୯.୦୨.୧୯ରିଖ ପର୍ଯ୍ୟନ୍ତ ଚାଲିଥିବା ଆଦିବାସୀ ମେଳା ପଚଂମ ଦିନରେ ପହଁଚିଛି । ଦିନକୁ ଦିନ ମେଳାରେ ଗହଳି ବଢୁଛି । ଜାତିର ଜନକ ପୂଜ୍ୟ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ଉପଲକ୍ଷେ ଆଜି ସହିଦ୍ ଦିବସ ଅବସରରେ ଭଜନ ସମାରୋହର ଆୟୋଜନ କରାଯାଇଥିଲା । ଏଥିରେ ଅଂଶଗ୍ରହଣ କରିଥିଲେ ଓଡ଼ିଶା ସଂଗୀତ ଜଗତର ଅନ୍ୟତମ ଶ୍ରେଷ୍ଠ କଣ୍ଠଶିଳ୍ପି ଡକ୍ଟର ସଂଗୀତା ଗୋସାଇଁ, ଡକ୍ଟର ଆଦ୍ୟାଶା ଦାସ, ଶ୍ରୀ କ୍ଷିତିପ୍ରକାଶ ମହାପାତ୍ର, ଶ୍ରୀ ମନୋଜ କୁମାର, କୁମାରୀ ସ୍ୱପ୍ନାରାଣୀ ମହାପାତ୍ର ଓ ଶ୍ରୀମାନ୍ ଗୋପାଳକୃଷ୍ଣ ସାହୁ ।

ଶ୍ରୀମାନ୍ ସାହୁ ଏବେ ବିଜେବି କଲେଜରେ ଅଧ୍ୟୟନରତ । ଦୃଷ୍ଟିହୀନ ହେଲେ ବି ସେ ବେଶ୍ ଅନ୍ତର୍ଦୃଷ୍ଟି ସମ୍ପନ୍ନ ଓ ଜଣେ ଅନୁପମ ସଂଗୀତ ସାଧକ । ଅଫୁରନ୍ତ ଗୀତିମୂର୍ଚ୍ଛନାର ଅନ୍ୟତମ କଣ୍ଠଶିଳ୍ପୀ ଶ୍ରୀ ସାହୁଙ୍କ କଣ୍ଠ ନିସୃତ ସଂଗୀତ ଶୁଣି ଶ୍ରୋତାମଣ୍ଡଳୀ ବେଶ୍ ବିମୋହିତ ହୋଇଥିଲେ । ସଂଗୀତର ସୁମଧୁର ଧ୍ୱନି ସହିତ ଅଜୟ କୁମାର ଦାସଙ୍କ ହାରମୋନିମର ଅମୃତ ମଧୁର ସ୍ୱର, ସଚିନ୍ କୁମାର ରଥଙ୍କ ସୁନ୍ଦର ତବଲା ବାଦନ, ଜବାହର ମିଶ୍ରଙ୍କ ଆକର୍ଷକ ବଂଶୀବାଦନ ପ୍ରିୟରଞ୍ଜନ ମହାନ୍ତିଙ୍କ ଅକ୍ଟୋପ୍ୟାଡ୍ ଓ ସର୍ବୋପରି ବାଦ୍ୟଶିଳ୍ପୀ ରୂପଙ୍କର ମହାନ୍ତିଙ୍କର କି-ବୋର୍ଡ ପରିଚାଳନାର ଅପୂର୍ବ ଦକ୍ଷତା ସଂଗୀତ ସଂଧ୍ୟାକୁ ବେଶ୍ ମନୋରମ ଓ ରସାଣିତ କରିଥିଲା ।

***